## ସଂକ୍ଷେପରେ

### ସାପ କାମୁଡ଼ାରେ ମୃତ୍ୟୁ ସନ୍ଦେହ

ଜଳେଶ୍ୱର, ୨୩।୪(ନବୀନ ସାହୁ)

ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଶ୍ରୀରାମପୁର ପଞ୍ଚାୟତ ମହୁଲକୁଲି ଗ୍ରାମରେ ସାପ କାମୁଡ଼ାରେ ଦିନେଶ ଚନ୍ଦ୍ର ଗିରି (୫୫)ଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ବୁଧବାର ରାତି ପ୍ରାୟ ୮ଟାରେ ଦିନେଶ ଶୌଚ ପାଇଁ ବାହାରକୁ ଯାଇ ଘରକୁ ଫେରୁଥିଲେ। ଏହି ସମୟରେ ଅନ୍ଧାରରେ ଏକ ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଜିକେ ଭଞ୍ଜର ହସ୍ପିଟାଲ୍‌କୁ ନେଇଥିଲେ। କିନ୍ତୁ ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ସଙ୍କଟାପନ୍ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବାଟରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନିକଟସ୍ଥ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କର ସ୍ତ୍ରୀ ଏବଂ ଏକ ୧୬ ବର୍ଷର ପୁଅ ଅଛନ୍ତି। ରୋଜଗାରିଆ ବ୍ୟକ୍ତିଙ୍କୁ ହରାଇ ଏବେ ପରିବାର ଲୋକ ଅସହାୟ ହୋଇପଡ଼ିଛନ୍ତି।

### ଶ୍ୱଶୁରଘରେ ନିଆଁ ଲଗାଇଦେଲେ ଜ୍ୱାଇଁ

ସୋର, ୨୩।୪(ଜନ୍ମେଜୟ ମିଶ୍ର)

ସୋର ଥାନା ଆଟପୁର ପଞ୍ଚାୟତ ବେଲଦା ଆଦିବାସୀ ସାହିରେ ଜ୍ୱାଇଁ ଶଶୁର ଘରେ ନିଆଁ ଲଗାଇ ଦେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ବସ୍ତା ଅଞ୍ଚଳର କାଳିଚରଣ ମାଝୀ ବେଲଦା ଆଦିବାସୀ ସାହିର ବାସନ୍ତୀ ସୋରେନଙ୍କ ଝିଅକୁ ବିବାହ କରିଥିଲେ। କିଛି ମାସ ପୂର୍ବରୁ ତାଙ୍କ ସ୍ତ୍ରୀ ତାଙ୍କୁ ଛାଡି ଦେବା ଫଳରେ ସେ ଶ୍ୱଶୁର ଘରେ ରହୁଥିଲେ। ଗୁରବାର ଘରେ କେହି ନ ଥିବା ବେଳେ କାଳୀ ଘରେ ନିଆଁ ଲଗାଇଥିଲେ। ଖବରପାଇ ସୋର ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ଗୋଟିଏ ବଖରା ଘର ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯାଇଥିଲା। ଏନେଇ ଶାଶୁ ବାସନ୍ତୀ ସୋରେନ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ କାଳୀଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି।

### ଏମ୍‌କେସିଜିର ରେଜିଷ୍ଟ୍ରାର ହେବେ ଡ. ଶ୍ୱେତ ଦାଶ

ବ୍ରହ୍ମପୁର,୨୩।୪(ସୁବାସ ଚନ୍ଦ୍ର ପାଢ଼ୀ)

ଏମକେସିଜି ମେଡିକାଲ କଲେଜ ଓ ହସପିଟାଲର ନୂତନ ରେଜିଷ୍ଟ୍ରାର ଭାବେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଡ. ଶ୍ୱେତ କୁମାର ଦାଶଙ୍କ ବଦଳି ହୋଇଛି। ଏହା ପୂର୍ବରୁ ସେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ସଚିବ ଭାବେ କାର୍ଯ୍ୟ କରୁଥିଲେ। ଆଜକୁ ୨ ମାସ ତଳେ ଏମକେସିଜି ମେଡିକାଲରେ ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଥିବା ଓଏଏସ ଅଧିକାରୀ ସଂଗ୍ରାମ ପଣ୍ଡା ପଦୋନ୍ନତି ପାଇ ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି ହୋଇ ଚାଲିଯାଇଥିଲେ। ତାଙ୍କ ସ୍ଥାନରେ ଭୁବନେଶ୍ୱର ମହାନଗର ନିଗମରେ କାର୍ଯ୍ୟରତ ବରିଷ୍ଠ ଓଏଏସ ଅଧିକାରୀ ରତ୍ନାକର ସାହୁଙ୍କୁ ଏମକେସିଜି ପଠା ଯାଇଥିଲା। ହେଲେ କୌଣସି କାରଣରୁ ସେ କାର୍ଯ୍ୟରେ ଯୋଗ ଦେଇନଥିଲେ। ଫଳରେ ସେବେଠାରୁ ଏହି ପଦ ଖାଲି ପଡିଥିଲା। ରେଜିଷ୍ଟ୍ରାର ନଥିବାରୁ ଏମକେସିଜିର ବିଭିନ୍ନ ସରକାରୀ କାର୍ଯ୍ୟରେ ସମସ୍ୟା ଉପୁଜୁଛି। ଏମକେସିଜିରେ କିଛି ଦିନ ହେବ ଅଧୀକ୍ଷକ ପଦ ମଧ ଖାଲିପଡିଛି। ସେହିକ୍ରମରେ ଏମକେସିଜିର ନୂତନ ରେଜିଷ୍ଟ୍ରାର ଯଥାସମ୍ଭବ କାର୍ଯ୍ୟରେ ଯୋଗଦେବେ ବୋଲି କୁହାଯାଉଛି।

# ଶିକ୍ଷା, ସ୍ୱାସ୍ଥ୍ୟ, କୃଷିକୁ ଗୁରୁତ୍ୱ

## ଗୁଡ଼ାରି ପଞ୍ଚାୟତ ସମିତି ସାଧାରଣ ବୈଠକ

ଗୁଡ଼ାରି,୨୩।୪ (ପ୍ରମୋଦ କୁମାର ପତି)


ବୈଠକରେ ବିଡିଓ, ବ୍ଲକ୍ ଅଧ୍ୟକ୍ଷଙ୍କ ସହ ଉପସ୍ଥିତ ଅନ୍ୟ ଅଧିକାରୀ

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଗୁରୁବାର ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧ୍ୟକ୍ଷ ବିଶ୍ୱନାଥ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଡିଓ ଶୁଚିସ୍ମିତା ବେହେରା ପରିଚାଳନା କରିଥିଲେ। ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ସମ୍ପର୍କରେ ବୈଠକରେ ଅଧିକ ଆଲୋଚନା ହୋଇଥିଲା। ଚଳିତ ଖରାକୁ ଦୃଷ୍ଟିରେ ରଖି ବ୍ଲକ୍‌ର ସମସ୍ତ ଗ୍ରାମରେ ଓ ପଥିକଙ୍କ ନିମନ୍ତେ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା।

ବୈଠକରେ ତହସିଲଦାର ଏ. ସ୍ନେହଲତା, ବିଧାୟକ ପ୍ରତିନିଧି ସୁରେଶ ଆଚାର୍ଯ୍ୟ, ବ୍ଲକ ସାଂସଦ ପ୍ରତିନିଧି ପି.ବାବୁରାଓ,ଡାକ୍ତର ପ୍ରସାଦ ଗୌଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ଜିପିଡିଓ ଶିବପ୍ରସାଦ ପଣ୍ଡା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପ୍ରଥମେ ଶିକ୍ଷା ବିଭାଗ ସମ୍ପର୍କରେ ଆଲୋଚନା ହୋଇଥିଲା। ମଧୁବନ ଗ୍ରାମପଞ୍ଚାୟତର କେତେକ ବିଦ୍ୟାଳୟ ନିୟମିତ ଖୋଲୁ ନ ଥିବା ନେଇ ସରପଞ୍ଚ ବଂଶୀ ଶବର ବିଡିଓଙ୍କୁ ପୂର୍ବରୁ ଅବଗତ କରିଥିଲେ। ଏ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀ ନିଜ ନିଜ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏମ୍‌ପି ପ୍ରତିନିଧି ପି. ବାବୁରାଓ ସ୍ଥାନୀୟ ବିଜ୍ଞାନ +୨ କଲେଜ ପରିସରରେ ଦୀର୍ଘ ବର୍ଷ ହେବ ନିର୍ମିତ ହୋଇଥିବା ଛାତ୍ରୀନିବାସ କାର୍ଯ୍ୟକ୍ଷମ କରିବା ନେଇ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ଏ ସମ୍ପର୍କରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ଡିଡବ୍ଲ୍ୟୁଓଙ୍କୁ ଖୁବ୍‌ଶୀଘ୍ର ଜଣାଇବେ ବୋଲି କହିଥିଲେ। ଥାନା ଅଧିକାରୀ ବିଶ୍ୱବନ୍ଦିନୀ ବାଗଙ୍କ ନେତୃତ୍ୱରେ ପୋଲିସ ବାହିନୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଶେଷରେ ଜିପିଡିଓ ଶିବପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ରାୟଗଡ଼ା ଜିଲାରେ ୨ ଦିନ ସ୍କୁଲ ଛୁଟି

ରାୟଗଡା/ଗୁଣପୁର,୨୩।୪
(ଆଶିଷରଞ୍ଜନ ପଣ୍ଡା/ସଙ୍କେତ ପାତ୍ର)

ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ୨ ଦିନ ସ୍କୁଲ ଛୁଟି ଘୋଷଣା କରାଯାଇଛି। ରାୟଗଡ଼ା ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ୨୪ ଓ ୨୫ ତାରିଖ ସ୍କୁଲ ଛୁଟି ଘୋଷଣା କରିଛନ୍ତି। ଜିଲାପାଳଙ୍କ ଚିଠି ନଂ. ୩୩୯୩ /୨୩।୪।୨୦୨୬ରେ ଜାରି ନିର୍ଦ୍ଦେଶନାମା ଅନୁଯାୟୀ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଛୁଟି ରହିବ ବୋଲି ଜିଲାପାଳ ସ୍ପଷ୍ଟ କରିଛନ୍ତି। ତେବେ ଏହି ଛୁଟି ସମୟରେ ବିଦ୍ୟାଳୟ ଓ ସମସ୍ତ ଶିକ୍ଷାନୁଷ୍ଠାନର କାର୍ଯ୍ୟାଳୟ ଖୋଲା ରହିବ ଏବଂ ଆବଶ୍ୟକ ଅଫିସ କାର୍ଯ୍ୟ ସାଧାରଣ ଭାବେ ଚାଲିବ ବୋଲି ଜିଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କ ସମେତ ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ଗତ କିଛିଦିନ ଧରି ଜିଲାରେ ତାପମାତ୍ରା ୩୮ରୁ ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହେଉଛି।


ଜାରି ହୋଇଥିବା ଚିଠି।

# ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଦେବା ଲକ୍ଷ୍ୟ

## ଜିଲା ପ୍ରଶାସନ ପକ୍ଷରୁ ଶ୍ରମିକ କଲ୍ୟାଣ ଶିବିର

ମାଲକାନଗିରି, ୨୩।୪(ଦୁର୍ଯ୍ୟୋଧନ ପାତ୍ର)



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ମାଲକାନଗିରି ଜିଲାର ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷାରେ ବାନ୍ଧିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଗୋରାଖୁଣ୍ଟା ପଞ୍ଚାୟତରେ ଏକ ସଚେତନତା ଓ ପଞ୍ଜୀକରଣ ଶିବିର କରାଯାଇଛି। ଜିଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଓଡ଼ିଶା କୋଠାବାଡ଼ି, ଅନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଓଡ଼ିଶା ଅସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡର ମିଳିତ ଆନୁକୂଲ୍ୟରେ ହୋଇଥିଲା। ଏଥିରେ ୯୧ ଶ୍ରମିକ ଯୋଗଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସ୍ତରରେ ବ୍ୟାପକ ପ୍ରଚାର ପ୍ରସାର କରାଯାଇଥିବାରୁ ବହୁ ସଂଖ୍ୟକ ଶ୍ରମିକ ଏହି ସୁଯୋଗର ଲାଭ ଉଠାଇ ପାରିଛନ୍ତି। ଶିବିରରେ ୫୧ ନୂତନ ଶ୍ରମିକଙ୍କ ପଞ୍ଜୀକରଣ କରାଯିବା ସହ ୨୯ଜଣଙ୍କ ନବୀକରଣ ଓ ୨୧ଜଣଙ୍କର ପୁନଃ ପଞ୍ଜୀକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଜିଲା ପ୍ରଶାସନର ଏହି ଅଭିଯାନ ମାଧ୍ୟମରେ ସରକାରୀ ଯୋଜନାଗୁଡ଼ିକୁ ଶ୍ରମିକଙ୍କ ପାଖରେ ପହଞ୍ଚାଇବାକୁ ଶ୍ରମ ବିଭାଗ ଓ ପଞ୍ଚାୟତସ୍ତରୀୟ ଅଧିକାରୀମାନଙ୍କୁ ସକ୍ରିୟ କରାଯାଇଛି। ସହକାରୀ ଶ୍ରମ ଅଧିକାରୀ ତନ୍ମୟ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସିଏସ୍‌ସି କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ପୂର୍ବତନ ୱାର୍ଡ଼ ସଭ୍ୟା ମୃତ

ଦିଗପହଣ୍ଡି,୨୩।୪(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବିଦ୍ୟୁତ୍ ସବ୍ ଷ୍ଟେସନ ନିକଟସ୍ଥ ୩୨୬ ନଂ ଜାତୀୟ ରାଜପଥରେ ଗୁରୁବାର ସକାଳ ସାଢେ ୧୦ଟାରେ ଏକ ଗାଡ଼ି ଧକ୍କାରେ ଜଣେ ପୂର୍ବତନ ୱାର୍ଡସଭ୍ୟାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ପଞ୍ଚାୟତର ଝିଲି ସାହୁ (୪୦)। ନୂଆ ମୌଳାଭଞ୍ଜା ଗ୍ରାମର କୃଷ୍ଣ ସାହୁଙ୍କ ସ୍ତ୍ରୀ ଝିଲି ବ୍ୟାଙ୍କ କାମରେ ଦିଗପହଣ୍ଡି ଆସି ଚାଲି ଚାଲି ଗାଁକୁ ଯାଉଥିଲେ। ଏହି ସମୟରେ ତାଙ୍କୁ ଏକ ଗାଡି ଧକ୍କା ଦେଇ ଚାଲି ଯାଇଥିଲା। ରାସ୍ତା କଡ଼ରେ ପଡି ସେ ଛଟପଟ ହେଉଥିବା ବେଳେ ସେହି ରାସ୍ତାରେ ଯାଉଥିବା ଜଣେ ଅଟୋ ଚାଳକ ତାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଝିଲୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଝିଲୀ ୨୦୦୭ରୁ ୨୦୧୭ ପର୍ଯ୍ୟନ୍ତ ୧୦ ନମ୍ବର ୱାର୍ଡର ୱାର୍ଡସଭ୍ୟା ରୂପେ ନିର୍ବାଚିତ ହୋଇ କାର୍ଯ୍ୟ କରିଥିଲେ।

# ପଦ୍ମପୁର ଥାନା ପରିସରରେ ଶ୍ରୀଗଣେଶଙ୍କ ମନ୍ଦିର ପ୍ରତିଷ୍ଠା

ପଦ୍ମପୁର, ୨୩।୪
(ପ୍ରଶାନ୍ତ କୁମାର କର)

ରାୟଗଡ଼ା ଜିଲା ପଦ୍ମପୁର ଥାନା ପରିସରରେ ବିଘ୍ନରାଜ ଶ୍ରୀଗଣେଶଙ୍କ ବିଗ୍ରହ ତଥା ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଆଇଆଇସି ଧରଣୀଧର ପ୍ରଧାନ ଓ ଥାନାର ଅନ୍ୟ କର୍ମଚାରୀଙ୍କ ଉଦ୍ୟମରେ ମନ୍ଦିର ନିର୍ମାଣ ହୋଇପାରିଛି। ଅଞ୍ଚଳର ସୁନାମଧନ୍ୟ ପୁରହିତ ଅଭି ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ। କର୍ତ୍ତାଭାବେ ଧରଣୀଧର ପ୍ରଧାନ ଓ ତାଙ୍କ ସହଧର୍ମିଣୀ ପୂଜାରେ ବସିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଗୁଣପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବାବୁଲି ନାୟକ, ପଦ୍ମପୁର ତହସିଲଦାର ସୁଭାଶିଷ ଶତପଥୀ, ବିଡିଓ କୁରେଶ ଚନ୍ଦ୍ର ଜାନି, କେନ୍ଦୁଗୁଡା ଫାଣ୍ଡି ଏଏସ୍‌ଆଇ ଯଶ କିଶନ ସାହୁଙ୍କ ସହ ଗୁଡାରି, ରାମନାଗୁଡା ଅଞ୍ଚଳର ଥାନା ଅଧିକାରୀ, ପଦ୍ମପୁର ଅଞ୍ଚଳର କବୟିତ୍ରୀ ତଥା ଶିକ୍ଷୟିତ୍ରୀ ଗାୟତ୍ରୀ ପଣ୍ଡା ଉପସ୍ଥିତ ଥିଲେ। ପଦ୍ମପୁର ଥାନା ଏଏସ୍‌ଆଇ କ୍ଷୀର ସିନ୍ଧୁ ସାହୁ, ଗୀତାରାଣୀ, ଶିବପ୍ରସାଦ ସାହୁ, ସୁଶୀଲ କୁମାର ଜେନା ପ୍ରମୁଖଙ୍କ ସହ ଥାନାର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟରେ ସହଯୋଗ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଖବରଦାତା, 'ପଦ୍ମପୁର ବିପଦର ବନ୍ଧୁ'ର କର୍ମକର୍ତ୍ତାଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।


ଥାନା ପରିସରରେ ନିର୍ମିତ ଗଣେଶ ମନ୍ଦିର।

# ଓଜିପିଏଲ୍ ଫାଇନାଲ ମ୍ୟାଚ, ଓଜି ୱାରିୟର୍ସ ଦଳ ବିଜୟୀ


ଅତିଥିମାନେ ବିଜୟୀ ଦଳକୁ ପୁରସ୍କୃତ କରୁଛନ୍ତି।

ଗୁଣପୁର,୨୩।୪( ସୁଜାତା ପାଢ଼ୀ)

ରାୟଗଡ଼ା ଜିଲା ପୁରୁଣା–ଗୁଣପୁର ଖେଳ ପଡିଆଠାରେ ଚାଲିଥିବା ଓଲ୍ଡ ଗୁଣପୁର ପ୍ରିମିୟର ଲିଗ୍ ସେସନ–୩ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କିଙ୍ଗ ଟାଇଟନ୍ ଦଳକୁ ହରାଇ ଓଜି ୱାରିୟସ ଚାମ୍ପିୟନ ହୋଇଛି। ଓଜି ୱାରିୟସ ପ୍ରଥମେ ଟସ୍ ଜିତି ୧୨ ଓଭରରେ ମୋଟ ୧୦୦ ରନ ସଂଗ୍ରହ କରିଥିବା ବେଳେ କିଙ୍ଗସ ଟାଇଟନ ୧୧ ଓଭରରେ ସର୍ବମୋଟ ୭୫ ରନ ସଂଗ୍ରହ କରି ଅଲ୍‌ଆଉଟ ହୋଇଥିଲେ। ଉଦ୍‌ଯାପନୀ ମ୍ୟାଚରେ ହୋଇଥିବା କାର୍ଯ୍ୟକ୍ରମରେ ଯୁବନେତା ତଥା ସାମାଜିକ କର୍ମୀ ରାମ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କାଉନସିଲର ଭାଗୀରଥି ବିଷୋୟୀ ମଞ୍ଚାସୀନ ଥିଲେ। ଯାତ୍ରା ଶବରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରିଥିଲେ। ଶେଷରେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ବିଜୟୀ ଦଳକୁ ପୁରସ୍କୃତ କରିଥିଲେ।

# ବିଜେଡି, କଂଗ୍ରେସରେ ମହିଳାଙ୍କୁ ଅସମ୍ମାନ ନେଇ ଭାଜପାର ବିକ୍ଷୋଭ

ରାୟଗଡ଼ା,୨୩।୪(ଆଶିଷ ରଞ୍ଜନ ପଣ୍ଡା)

ବିଜେଡି, କଂଗ୍ରେସରେ ମହିଳାଙ୍କୁ ଅସମ୍ମାନ ପ୍ରତିବାଦରେ ରାୟଗଡ଼ା ସହର କପିଳାସ ଛକଠାରେ ଭାଜପା ଯୁବନେତା ପ୍ରିତମ କୁମାରଙ୍କ ନେତୃତ୍ୱରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲାର ବହୁ ସଂଖ୍ୟକ ଯୁବତୀ ଓ ଯୁବକ କାର୍ଯ୍ୟକ୍ରମରେ ଅଂଶଗ୍ରହଣକରି ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ କରିବା ସହ କଂଗ୍ରେସ ଓ ବିଜେଡି ବିରୋଧରେ ଏକ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଯୁବ ସମାଜ ନାରୀ ସଶକ୍ତୀକରଣ ପ୍ରତି ଦୃଢ଼ ସମର୍ଥନ ଜଣାଇବା ସହ ବିପକ୍ଷ ଦଳଗୁଡ଼ିକର ନୀତି ଓ ଭୂମିକାକୁ ତୀବ୍ର ଭାବରେ ସମାଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦିକା ଶତାବ୍ଦୀ ପାଳ, ଜିଲା ଯୁବ କାର୍ଯ୍ୟକର୍ତ୍ତା ପୁରୁଷୋତ୍ତମ ଡଙ୍ଗରି, ଶାନ୍ତନୁ ସୁବୁଦ୍ଧି, ସିଦ୍ଧାନ୍ତ ବିଡ଼ିକା, ଚିଣ୍ଟୁ, ଗୋବିନ୍ଦ ଉଲ୍ଲାକା ଉପସ୍ଥିତ ଥିଲେ। ଏହି ବିକ୍ଷୋଭ ସମୟରେ ଯୁବତୀଯୁବକ କଂଗ୍ରେସ ଓ ବିଜେଡି ବିରୋଧରେ ଜୋର୍‌ଦାର ନାରାବାଜି କରିବା ସହ କଂଗ୍ରେସ ଏମ୍‌ପି ଓ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ, ବିଧାୟକ ପ୍ରାର୍ଥୀ ବସନ୍ତ ଉଲ୍ଲାକା, ଜିଲା ସମ୍ପାଦକ ଦେବାଶିଷ ପଣ୍ଡା, ତରୁଣ ଗରଡିଆ, ଏସ୍‌ଡିସି ଉପାଧ୍ୟକ୍ଷା ମଞ୍ଜୁଳା ମିଣିଆକା, ଅଶ୍ୱିନୀ କଞ୍ଚଡ଼ା, ଲକ୍ଷ୍ମୀ ବୁରୁଡ଼ି, ଜିଲା ସମ୍ପାଦିକା ରଞ୍ଜିତା କୋରଡ଼ା ପ୍ରମୁଖ ଯୋଗଦେଇଥିଲେ। ନାରୀ ଶକ୍ତି ବନ୍ଦନ ଅଧିନିୟମ ଦେଶର ନାରୀମାନଙ୍କ ପାଇଁ ଏକ ଐତିହାସିକ ଓ ପରିବର୍ତ୍ତନଶୀଳ ପଦକ୍ଷେପ ହେବ। କିନ୍ତୁ କଂଗ୍ରେସ ଓ ବିଜେଡି ଏହାକୁ ନେଇ ରାଜନୈତିକ ଅବରୋଧ ସୃଷ୍ଟି କରୁଛନ୍ତି ବୋଲି ଭାଜପା ନେତାମାନେ ମତବ୍ୟକ୍ତ କରିଥିଲେ।



ରାୟଗଡ଼ା ସହର କପିଳାସ ଛକଠାରେ ଭାଜପା କର୍ମକର୍ତ୍ତା ଓ ଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ କୁଳପତି ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ

ବ୍ରହ୍ମପୁର, ୨୩।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ କୁଳପତି ନିଯୁକ୍ତି ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ନେଇ ଓରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବୁଧବାର ଚିଠି ନମ୍ବର ୨୧୨୬୪ ତାରିଖ ୨୨/୪/୨୬ ପ୍ରକାରେ ବିଜ୍ଞପ୍ତି ପ୍ରକାଶ ପାଇଛି। କୁଳପତି ପାଇଁ ୨୪/୫/୨୬ ରାତ୍ର ୧୧.୫୫ ସମୟ ମଧ୍ୟରେ ଅନଲାଇନ ମାଧ୍ୟମରେ ଦାଖଲ କରି ପାରିବେ। ସୂଚନା ପ୍ରକାରେ ୭ ମେ ୨୦୨୨ରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଦାୟିତ୍ୱ ଗ୍ରହଣ କରିଥିଲେ। ଦୀର୍ଘ ୪ ବର୍ଷ କାର୍ଯ୍ୟକାଳ ମଧ୍ୟରେ ବିଶ୍ୱବିଦ୍ୟାଳୟର ବହୁ ଉନ୍ନତି ମୂଳକ କାମ, ଶୈକ୍ଷିକ ବାତାବରଣ,ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ଚୁକ୍ତିପତ୍ର ସ୍ୱାକ୍ଷର,ସେମିନାର,ଆଲୋଚନା ଚକ୍ର,ଛାତ୍ରଛାତ୍ରୀଙ୍କ ପାଠପଢା ସହ ନିଯୁକ୍ତି ଆଦି ଉପରେ ଗୁରୁତ୍ୱ ଦେଇ ଆସିଥିଲେ।

## ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ସିମୁଳିଆ,୨୩।୪(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନାଠାରୁ ୫କି.ମି. ଦୂର ୧୬ନଂ. ଜାତୀୟ ରାଜପଥର ଜାମୁଝାଡିନିକଟରେ ଗୁରୁବାର ଅପରାହ୍ନରେ ଟ୍ରକ(ନଂ.ଓଡି ୨୨ଜେ ୩୩୧୯) ଧକ୍କାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ଜଣେ ମୃତକ ହେଲେ ଖନ୍ତାପଡା ଅଞ୍ଚଳର ଗୋପବନ୍ଧୁ ବେହେରା(୫୦) ଓ ଅନ୍ୟ ଜଣଙ୍କ ସମ୍ପର୍କରେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସୂଚନା ମିଳିପାରିନାହିଁ। ଘଟଣା ସ୍ଥଳରେ ଉତ୍ତେଜନ ପ୍ରକାଶ ପାଇବା ପରେ ପୋଲିସ ଟ୍ରକ ଓ ମୋଟରସାଇକେଲକୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

# କାଳବୈଶାଖୀ ପ୍ରଭାବରେ ଗଛ ଭାଙ୍ଗି ରାସ୍ତା ଅବରୋଧ

ପଡିଆ,୨୩।୪(ଭାସ୍କର ରାଓ)

ମାଲକାନଗିରି ଜିଲା ପଡ଼ିଆ ବ୍ଲକ୍‌ର ବିଭିନ୍ନ ଗ୍ରାମରେ କାଳବୈଶାଖୀ ପ୍ରଭାବରେ ଗଛ ଭାଙ୍ଗି ମୁଖ୍ୟ ରାସ୍ତା, ଘର ଓ ବିଦ୍ୟୁତ ତାର ଉପରେ ପଡ଼ିଥିବା ଦେଖିବାକୁ ମିଳିଛି। ଅଗ୍ନିଶମ ବାହିନୀ ପକ୍ଷରୁ ଗଛଗୁଡ଼ିକ କଟାଯାଇ ସଫା କରାଯାଇଛି। ବ୍ଲକ୍‌ର କମାରଗୁଡ଼ା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଉପରେ ଗଛ ଭାଙ୍ଗି ପଡିଥିଲା। ବ୍ଲକ କଲୋନି ସରକାରୀ ବାସଭବନ ଉପରେ ମଧ ଗଛ ପଡ଼ିଛି। ଏମ୍‌ଭି–୬୬ ଗ୍ରାମର ମୁଖ୍ୟ ରାସ୍ତା, ଗୁଣ୍ଡାଗୁଡ଼ା, କମାରଗୁଡା ଗ୍ରାମ ମୁଖ୍ୟରାସ୍ତାରେ ଗଛ ପଡି ଅବରୋଧ ହୋଇଥିଲା। ବିଭିନ୍ନ ଅଞ୍ଚଳଗୁଡ଼ିକରେ ବିଦ୍ୟୁତ୍ ତାର ଉପରେ ଗଛ ପଡି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଗୁରୁବାର ପଡିଆ ଅଗ୍ନଶମ ଅଧିକାରୀ ବୀରେନ୍ଦ୍ର ସିଂ ଓ ତାଙ୍କ ସହଯୋଗୀ ଆଗ୍ନିକ ମଙ୍ଗୁଲୁ କିସାନ, ହେମନ୍ତ ବେହେରା, ସଂଯୋଗ ମେହେର, ମୋହନ ମାଝୀ ବିଭିନ୍ନ ଗ୍ରାମକୁ ଯାଇ ୬ ଘଣ୍ଟା ପରିଶ୍ରମ କରି ଗଛଗୁଡିକୁ କାଟି ହଟାଇଥିଲେ। ଏହା ପରେ ଲୋକଙ୍କ ଯାତାୟାତ ସ୍ୱାଭାବିକ ହୋଇଥିଲା।


ଅଗ୍ନିଶମ କର୍ମଚାରୀ ଗଛ କାଟି ସଫା କରୁଛନ୍ତି।

# ଅନ୍ଧବିଶ୍ୱାସରୁ ଦୂରେଇ ରହିବା ସମ୍ପର୍କରେ ସଚେତନତା

## ଆଇନ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା,୨୩।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ଦାମୋଦର ରଥଙ୍କ ପରାମର୍ଶକ୍ରମେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଗୁରୁବାର ରାୟଗଡ଼ା ବ୍ଲକ୍ ହାଲୁଆ ପଞ୍ଚାୟତ ପରିସରରେ ଗୁରୁବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଯଥା ଏଫ୍‌ଆଇଆର୍, ବେଲ୍, ସମନ, ୱାରେଣ୍ଟ, ଅପିଲ, ପ୍ଲିବାରଗେନିଂ ଓ ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଥିବା ସରକାରୀ ଆର୍ଥିକ ସହାୟତା ଇତ୍ୟାଦି ଉପରେ କାର୍ଯ୍ୟକ୍ରମରେ ସଚେତନତା କରାଯାଇଥିଲା। ଅନ୍ୟ ପ୍ରମୁଖ ଅତିଥିଙ୍କ ମଧ୍ୟରେ ରାୟଗଡା ଥାନା ଏସ୍‌ଡିପିଓ ଗୌରହରି ସାହୁ, ଜିଲା ଆଇନ ସେବା ପ୍ରାଧିକରଣ ଫ୍ରଣ୍ଟ ଅଫିସ ରିଟେନର ସୁକାନ୍ତ ଦାସ, ହାଲୁଆ ଗ୍ରାମର ସରପଞ୍ଚ ଓ ଗ୍ରାମର ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ରାୟଗଡ଼ା ଥାନା ଏସ୍‌ଡିପିଓ ଗୌରହରି ସାହୁ ନିଜର ବକ୍ତବ୍ୟରେ ଏଫ୍‌ଆଇଆର୍, ବେଲ୍, ସମନ, ୱାରେଣ୍ଟ, ଅପିଲ, ପ୍ଲିବାରଗେନିଂ ଇତ୍ୟାଦି ଉପରେ ବିସ୍ତୃତ ଭାବରେ ଅଂଶଗ୍ରହଣକାରୀଙ୍କୁ ବୁଝାଇଥିଲେ। ସେହିପରି ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁବ୍ରତ ଆଚାର୍ଯ୍ୟ ନିଜ ବକ୍ତବ୍ୟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଓ ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଥିବା ସରକାରୀ ଆର୍ଥିକ ସହାୟତା ଉପରେ ଆଲୋକପାତ କରିବା ସହିତ ଅନ୍ଧବିଶ୍ୱାସରୁ କିପରି ଦୂରରେ ରହିବା ସେ ଉପରେ ବୁଝାଇଥିଲେ। ସେହିପରି ଉପସ୍ଥିତ ଥିବା ଜିଲା ଆଇନ ସେବା ପ୍ରାଧିକରଣର ଫ୍ରଣ୍ଟ ଅଫିସ ରିଟେନର ସୁକାନ୍ତ ଦାସ ନିଜର ଅଭିଭାଷଣରେ ଭାରତୀୟ ଆଇନ ବ୍ୟବସ୍ଥାରେ ବିଭିନ୍ନ ପ୍ରକାର ଆଇନକୁ କିପରି ଠିକ୍‌ରୂପେ ପ୍ରଣୟନ କରି ସାଧାରଣ ଲୋକଙ୍କୁ ଉଚିତ ନ୍ୟାୟ ପ୍ରଦାନ ସହ ଦୋଷୀ ନିର୍ଦ୍ଦୋଷରେ ଖସିପାରିବ ନାହିଁ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ବିଭିନ୍ନ ଅସୁବିଧା ସମୟରେ ଜିଲା ଆଇନ ସେବା ପ୍ରାଧିକରଣର ଦ୍ୱାରସ୍ଥ ହେବା ପାଇଁ ସମସ୍ତ ଜନସାଧାରଣଙ୍କୁ ବୁଝାଇଥିଲେ।



ଅତିଥିମାନେ ଜନସାଧାରଣଙ୍କୁ ସଚେତନ କରୁଛନ୍ତି।

## ସଂକ୍ଷେପରେ

### ନୀଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର,୨୩।୪(ପବନ ପାଣିଗ୍ରାହୀ)

ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ବେଳେ ଜୟପୁର ସଦର ଥାନା ଅନ୍ତର୍ଗତ ନୀଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ କରାଯାଇଛି। ମଦ ମାଫିଆମାନେ ଫେରାର ହୋଇଯାଇଥିଲେ। ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗି ୨୧ଶହ ଲିଟର ପୋଚ ଜବତ କରି ନଷ୍ଟ କରିଛନ୍ତି। ମଦରନ୍ଧା ସରଞ୍ଜାମ ଓ ଡ୍ରମ ଆଦିକୁ ଜବତ କରାଯାଇଥିବା ଅବକାରୀ ଥାନା ଓଆଇସି ସୁବ୍ରତ କିଶୋରି ହିରନ ସୂଚନା ଦେଇଛନ୍ତି।

### ସର୍ଭେ ବେଳେ ଶିକ୍ଷକଙ୍କୁ କାମୁଡ଼ିଲା କୁକୁର
#### ତଦାରଖ କଲେ ତହସିଲଦାର

ପଟ୍ଟାଙ୍ଗି,୨୩।୪(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅମ୍ବାବାଲି ପଞ୍ଚାୟତସ୍ଥିତ କମାରପାଡୁ ଗ୍ରାମରେ ଜନଗଣନା ବା ସର୍ଭେ ବେଳେ ନିୟୋଜିତ ଶିକ୍ଷକଙ୍କୁ କୁକୁର କାମୁଡ଼ିବାରୁ ଆହତ ହୋଇଛନ୍ତି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଛି। ଏ ନେଇ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦାରଖ କରିଛନ୍ତି। ସୂଚନାନୁଯାୟୀ, କମାରପାଡୁ ଗ୍ରାମରେ ଶିକ୍ଷକ ମାନସ ରଞ୍ଜନ ମହାପାତ୍ର ସହଯୋଗୀଙ୍କ ସହ ସର୍ଭେ କରୁଥିଲେ। ଏହି ସମୟରେ ପଛପଟୁ ଏକ କୁକୁର ଆସି ତାଙ୍କ ଗୋଡକୁ କାମୁଡି ଦେଇଥିଲା। ଏଥିରେ ସେ ଆହତ ହୋଇଥିଲେ। ତାଙ୍କ ସହଯୋଗୀ ତାଙ୍କୁ ସୁଙ୍କି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତହସିଲଦାର ଧାରୁଆ ଖବରପାଇ ଶିକ୍ଷକ ମହାପାତ୍ରଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଶିକ୍ଷକଙ୍କ ଚିକିତ୍ସା ନେଇ ଡାକ୍ତରଙ୍କୁ ପଚାରି ବୁଝିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ନିର୍ଦ୍ଧାରିତ ଦିନଗୁଡ଼ିକରେ ଇଞ୍ଜେକ୍ସନ ନେବାକୁ ଶିକ୍ଷକଙ୍କୁ ପରାମର୍ଶ ଦେଇଛନ୍ତି।

### କଣ୍ଟେନରରୁ ୨୭ ଗୋରୁ ଜବତ

ଜୟପୁର,୨୩।୪(ପବନ ପାଣିଗ୍ରାହୀ)

ଗୋ ଚାଲାଣ ବେଳେ ଜୟପୁର ଟାଉନ ପୋଲିସ ଚଢ଼ାଉ କରି ଏକ କଣ୍ଟେନରରୁ ୨୭ ଗୋରୁ ଜବତ କରିଛି। ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ପାଟ୍ରୋଲିଂ କରିବା ବେଳେ ଗାଈ ବୋଝେଇ କଣ୍ଟେନର(ଟିଏନ୍୦୭-ୟୁଏନ୍-୧୨୨୭) ବୁଧବାର ଜବତ କରିଛି। ଗାଡିରେ ୨୭ ଗୋରୁ ଥିବା ଓ ଭଦ୍ରାଞ୍ଚଳମକୁ ଚାଲାଣ କରାଯାଉଥିବା ଡ୍ରାଇଭର ଓ ହେଲପର କହିଛନ୍ତି। ଏହି ଗାଡି ନବରଙ୍ଗପୁର ଜିଲାର କେତେଜଣ ଗୋରୁ ବ୍ୟବସାୟୀ କୋଟପାଡ଼ ଅଞ୍ଚଳରୁ ସଂଗ୍ରହ କରି ଭଦ୍ରାଞ୍ଚଳମ ପଠାଉଥିଲେ। ଟାଉନଥାନା ଏସ୍ଆଇ ରାଜେନ୍ଦ୍ର ପାଙ୍ଗୀଙ୍କ ଉପସ୍ଥିତିରେ ଗୋରୁମାନଙ୍କୁ ପାଲିଗୁଡ଼ାସ୍ଥିତ ଗୋ ଶାଳାରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପଶୁ ଚିକିତ୍ସାଧିକାରୀ ଡ.ସେଭାଗ୍ୟ ପାଲିଗୁଡା ଗୋ ଶାଳାରେ ପହଞ୍ଚି ଗାଈଗୁଡ଼ିକର ସ୍ୱାସ୍ଥ୍ୟ ଯାଞ୍ଚ କରିଛନ୍ତି। ହେଲପର ଓ ଡ୍ରାଇଭରଙ୍କୁ ଗିରଫ ସହି କୋର୍ଟ ଚାଲାଣ କରାଯାଇଛି।

### ଯୁବତୀ ନିଖୋଜ ଅଭିଯୋଗ

ଜୟପୁର,୨୩।୪(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅଧୀନ ସଲପା ଗ୍ରାମର ଜଣେ ଯୁବତୀ ଆନ୍ଧ୍ରକୁ କାମ କରିବାକୁ ଯାଇ ୧୮ ତାରିଖରୁ ନିଖୋଜ ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ଯୁବତୀ ସଲପା ଗ୍ରାମ ଓ ପଡୋଶୀ ଗ୍ରାମର କେତେକ ଯୁବତୀଙ୍କ ସହ ମିଶି ଆନ୍ଧ୍ରକୁ କାମ କରିବାକୁ ଯିବି କହି ବାହାରିଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ମଧ୍ୟ କିଛିଖବର ନ ମିଳିବାରୁ ସଦରଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ମାଇନିଂ କାର୍ଯ୍ୟରେ ଅନିୟମିତତା ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଦାବି

କୋରାପୁଟ, ୨୩।୪
(ଅମିତାଭ ବେହେରା)



ଅଭିଯୋଗ କରିବାକୁ ଆସିଥିବା କୋଡିଙ୍ଗାମାଳି ସୁରକ୍ଷା ମଞ୍ଚର ସଦସ୍ୟମାନେ।

କୋରାପୁଟ ଜିଲାରେ ଚାଲୁଥିବା ମାଇନିଂ କାର୍ଯ୍ୟକଳାପକୁ ନେଇ ପୁଣି ପ୍ରଶ୍ନ ଉଠିଛି। କୋଡିଙ୍ଗାମାଳୀ ଖଣି ପରିଚାଳନାରେ ବିଭିନ୍ନ ଅନିୟମିତତା ଓ ପରିବେଶ ନିୟମ ଉଲ୍ଲଂଘନ ହୋଇଥିବା ଅଭିଯୋଗ କରାଯାଇଛି। ଏ ନେଇ ଲକ୍ଷ୍ମୀପୁର ବ୍ଲକ କୋଡ଼ିଙ୍ଗାମାଳି ବକ୍ସାଇଟ ଖଣି ଖନନ ବୃଦ୍ଧିକୁ ବନ୍ଦ କରିବାକୁ କୋଡିଙ୍ଗାମାଳି ସୁରକ୍ଷା ମଞ୍ଚ ଗୁରୁବାର ଦାବି କରିଛି। ମଞ୍ଚର ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କମ୍ପାନୀ ବିରୋଧରେ ସ୍ଲୋ ଗାନ ଦେଇଥିବା ଦେଖିବାକୁ ମିଳିଛି। ଏହି ଖଣିରୁ ବାର୍ଷିକ ୩ ମିଲିୟନ ମେଟ୍ରିକ ଟନ କଞ୍ଚାମାଲ ଉତ୍ତୋଳନ କରିବାକୁ ଅନୁମତି ମିଳିଥିବା ବେଳେ ବର୍ତ୍ତମାନ ବାର୍ଷିକ ୬ ମିଲିୟନ ମେଟ୍ରିକ ଟନ ବୃଦ୍ଧି କରିବାକୁ ଯୋଜନା କରିଥିବାରୁ ଏହାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଉ ବୋଲି ମଞ୍ଚର ମନୋଜ କୁମାର ମୁଦୁଲି ଦାବି କରିଛନ୍ତି।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣା: ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ବୈପାରିଗୁଡ଼ା,୨୩।୪(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଧୀନ ତଳିଆଗୁଡ଼ା ଗ୍ରାମର ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣାରେ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ତଳିଆଗୁଡ଼ା ଗ୍ରାମର ପବିତ୍ର ହରିଜନ(୨୬)।

ସୂଚନାନୁଯାୟୀ, ତଳିଆଗୁଡ଼ାର ଜହ୍ନ ନାଗ(୨୧)ଙ୍କ ୧୭ ତାରିଖରେ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ୧୮ ତାରିଖରେ ଗାଁ ପାଖ ଜଙ୍ଗଲରୁ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଏ ନେଇ ପରିବାର ଲୋକେ ହତ୍ୟା କରି ଝୁଲାଇ ଦିଆଯାଇଥିବା ଅଭିଯୋଗ ଆଣିଥିଲେ। ଏଥିରେ ପବିତ୍ରଙ୍କ ସମ୍ପୃକ୍ତି ଥିବା ସେମାନେ କହିଥିଲେ। ପୋଲିସ୍ ପକ୍ଷରୁ ନଂ. ୯୫/୨୬ରେ ହତ୍ୟା ମାମଲା ରୁଜୁ କରାଯାଇଥିଲା। ଜହ୍ନଙ୍କ ସହ ଅଭିଯୁକ୍ତଙ୍କ ପ୍ରେମ ସମ୍ପର୍କ ଥିଲା। ଜହ୍ନ ବିବାହ ପାଇଁ ଯୁବକଙ୍କ ଉପରେ ଚାପ ପକାଉଥିଲେ। ଯୁବତୀଙ୍କ ବିବାହ ପ୍ରସ୍ତାବରେ ଅଭିଯୁକ୍ତ ରାଜି ନ ହେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଅଭିଯୁକ୍ତ ଉତ୍କ୍ଷିପ୍ତ ହୋଇ ଯୁବତୀଙ୍କ ତଣ୍ଟି ଚିପି ହତ୍ୟା କରିଥିବା ଓ ଆତ୍ମହତ୍ୟା ରୂପ ଦେବାକୁ ଗଛ ଡାଳରେ ଝୁଲାଇ ଦେଇଥିବା ଥାନାଧିକାରୀ ଡମ୍ବୁରୁଧର ବାତ୍ରୀ ସୂଚନା ଦେଇଛନ୍ତି। ଏଥିରେ ଅଭିଯୁକ୍ତଙ୍କ କେତେକ ସମ୍ପର୍କୀୟଙ୍କ ସମ୍ପୃକ୍ତି ଥିବା ନେଇ ଜହ୍ନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା କହି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଥାନାଧିକାରୀଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି। ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପ୍ରମାଣ ମିଳିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ମହିଳା ଆରକ୍ଷଣ ବିଲ୍ ରଦ୍ଦକୁ ନେଇ ଶୋଭାଯାତ୍ରା



ଜିଲା ଯୁବମୋର୍ଚ୍ଚା ଓ ମଣ୍ଡଳ ଭାଜପା ପକ୍ଷରୁ ଶୋଭାଯାତ୍ରା କରାଯାଉଛି।

ସୁନାବେଡା,୨୩।୪(କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ଯୁବମୋର୍ଚ୍ଚା ଓ ସୁନାବେଡ଼ା ମଣ୍ଡଳ ଭାଜପା ପକ୍ଷରୁ ୩୩ ପ୍ରତିଶତ ମହିଳା ଆରକ୍ଷଣ ବିଲ୍ ରଦ୍ଦକୁ ନେଇ ଜନ ଆକ୍ରୋଶ ଶୋଭାଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଯୁବମୋର୍ଚ୍ଚା ଜିଲା ସଭାପତି ଆଦିତ୍ୟ ହନ୍ତାଳଙ୍କ ନେତୃତ୍ୱରେ ବିରୋଧୀ କଂଗ୍ରେସ ଓ ବିଜେଡି ଦଳର ନାରୀ ବିରୋଧୀ ନୀତି ଯୋଗୁ ନାରୀ ଆରକ୍ଷଣ ବିଲ ପାସ ନ ହେବା ଦର୍ଶାଇ ଶୋଭାଯାତ୍ରା କରାଯାଇଥିଲା। ବିଲ୍ ରଦ୍ଦ ଯୋଗୁ ନାରୀ ଜାତି ପ୍ରତି ହୋଇଥିବା ଅପମାନ ଗ୍ରହଣ ଯୋଗ୍ୟ ନୁହେଁ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ଭାଜପା କହିଛି। ନାରୀଙ୍କ ଅଧିକାର ପାଇଁ ଏ ଲଢେଇ ଜାରୀ ରହିବ ଓ ବିରୋଧୀଙ୍କୁ ଉଚିତ୍ ଜବାବ ଦେବ ବୋଲି ଚେତାବନୀ ଦେଇଛନ୍ତି। ସୁନାବେଡା ପୌର ପରିଷଦ କଲ୍ୟାଣ ମଣ୍ଡପରୁ ଶୋଭାଯାତ୍ରା ବାହାରି ପୌରପରିଷଦ ମୁଖ୍ୟ ବଜାର ଦେଇ ଦୁର୍ଗାମଣ୍ଡପ ଓ ପୌର କାର୍ଯ୍ୟାଳୟ ସମ୍ମୁଖ ପଡିଆରେ ଶେଷ ହୋଇଥିଲା। ଏଥିରେ ସାମିଲ ମହିଳା, ଯୁବତୀ ଓ ଛାତ୍ରୀମାନେ ହାତରେ ପ୍ଲା କାର୍ଡ ଧରି ବିଜେଡି ଓ କଂଗ୍ରେସ ବିରୋଧରେ ନାରାବାଜି କରିଥିଲେ। ପୌର ପରିଷଦ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, ମଣ୍ଡଳ ସଭାପତି ଟୁନା ଖରା, ମହିଳା ମୋର୍ଚ୍ଚା ଜିଲା ସଭାପତି ସ୍ୱାତୀ ହୋତା, ମଣ୍ଡଳ ସମ୍ପାଦକ ଅଶ୍ୱିନୀ ଜେନା, ଭାଜପା ବରିଷ୍ଠ କର୍ମୀ ସ୍ନିଗ୍ଧାରାଣୀ ମିଶ୍ର, ଜୟରାମ ଗରଡା, ସୁଭାଷ ଚନ୍ଦ୍ର ବେନିଆ ଓ ଭାଜପା କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅପହରଣ, ଅସଦାଚରଣ ମାମଲାର କାର୍ଯ୍ୟାନୁଷ୍ଠାନ ଦାବି
## ଏସ୍ପିଙ୍କୁ ଭେଟିଲେ ଯୁବତୀ

କୋରାପୁଟ/ନନ୍ଦପୁର,୨୩।୪
(ଅମିତାଭ ବେହେରା/ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ଥାନା ଅଧୀନ ପୂଜାରୀପୁଟ ଗ୍ରାମର ଜଣେ ଯୁବତୀ ଗୁରୁବାର ଜିଲା ପୋଲିସ ଏସ୍ପି ରୋହିତ ବର୍ମାଙ୍କୁ ଭେଟି ଅପହରଣ ଓ ଅସଦାଚାରଣ କରାଯାଇଥିବା ଗୁରୁବାର ଅଭିଯୋଗ କରିଛନ୍ତି। ତାଙ୍କୁ ଲମତାପୁଟ ଅଞ୍ଚଳର ଦମ୍ପତି ଅପହରଣ କରିନେଇ ୭ଦିନ ଧରି ଅସଦାଚରଣ କରିବା କହିଛନ୍ତି। ଏସ୍ପି ବର୍ମା ଅତିଶୀଘ୍ର ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଆଶ୍ୱାସନା ଦେଇଛନ୍ତି।

ଯୁବତୀଙ୍କୁ ଲିଫ୍ଟ ଦେବା ବାହାନାରେ ଲମତାପୁଟ ବ୍ଲକ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କଠାରୁ ଫୋନ ନମ୍ବର୍ ନେଇ ଚାକିରି କରାଇ ଦେବା ଓ ବିବାହ ପ୍ରଲୋଭନ ଦେଖାଇଥିଲେ। ପରେ ବ୍ୟକ୍ତି ଜଣକ ବିବାହିତ ଓ ତାଙ୍କର ୪ ସନ୍ତାନ ଥିବା ଜାଣି ଯୁବତୀ ତାଙ୍କଠାରୁ ଦୂରେଇ ରହିବାକୁ ଚେଷ୍ଟା କରି ତାଙ୍କୁ ଫୋନ୍ରେ ବ୍ଲକ କରିଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତି ବିଭିନ୍ନ ଧମକ ଦେଇଥିଲେ। ଫେବୃଆରୀ ୧୦ରେ ଯୁବକ ତାଙ୍କୁ ଆତ୍ମହତ୍ୟା ଧମକ ଦେଇ ଡାକିଥିଲେ। ଘରେ ଛାଡି ଦେବି କହି ବାଇକରେ ବସାଇ ଅଚେତ କରି ନେଇଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ହୋଇଛି। ଏଥିରେ ଯୁବକଙ୍କ ସ୍ତ୍ରୀଙ୍କ ସମ୍ପୃକ୍ତି ଥିବା କୁହାଯାଇଛି। ଅପହରଣ କରି ବୈପାରିଗୁଡା ଅଞ୍ଚଳର ଜଣେ ବୃଦ୍ଧାଙ୍କ ଘରେ ରଖିଥିବା ଓ ଯୁବକ ସ୍ତ୍ରୀଙ୍କ ଜାଣତରେ ଶାରିରୀକ ସମ୍ପର୍କ ରଖିଥିବା ଅଭିଯୋଗ କରିଛନ୍ତି। ୭ ଦିନ ଶାରୀରିକ, ମାନସିକ ନିର୍ଯାତନା କରିଥିବା କହିଛନ୍ତି। ପରିବାର ଲୋକେ ଥାନାରେ ନିଖୋଜ ଏତଲା ଦେବା ସହ କମେଲ ଗ୍ରାମରୁ ଉଦ୍ଧାର କରିଥିଲେ। ପୋଲିସ ନଂ.୨୫/୨୦୨୬ ରେ ମାମଲା ରୁଜୁ କରିଥିଲେ ସୁଦ୍ଧା ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇଥିବା ଯୁବତୀ କହିଛନ୍ତି। ମାମଲା ରୁଜୁ ପରେ ଯୁବତୀଙ୍କ ଡାକ୍ତରୀ ମାଇନା କରାଯାଇଛି। ମାଜିଷ୍ଟ୍ରେଟଙ୍କ ନିକଟରେ ଯବାନବନ୍ଦୀ ରେକର୍ଡ କରାଯାଇଛି। ଯୁବତୀଙ୍କ ପରିବାର ଲୋକଙ୍କ ମାଡରେ ଯୁବକ ଆହତ ହୋଇ ଚିକିତ୍ସିତ ହେଉଥିବାରୁ ପୋଲିସ ତାଙ୍କୁ ଗିରଫ କରିବାରେ ବିଳମ୍ବ କରୁଥିବା ଏସ୍ପି ବର୍ମା ଓ ପାଡୁଆ ଥାନାଧିକାରୀ ଅଶୋକ ବିଶୋୟୀ ସୂଚନା ଦେଇଛନ୍ତି।

# ଚିକିତ୍ସାରେ ଅବହେଳା ଯୋଗୁ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମୃତ୍ୟୁ ଅଭିଯୋଗ

## ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

କୋରାପୁଟ,୨୩।୪
(ଅମିତାଭ ବେହେରା)


ମୃତ ପୁଷ୍ପିତ ତ୍ରିପାଠୀ।

କୋରାପୁଟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମଓ) କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣୀ ପୁଷ୍ପିତ ତ୍ରିପାଠୀଙ୍କୁ ଠିକ୍ ସମୟରେ ଚିକିତ୍ସା ନ ମିଳିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲାପାଳ ମନୋଜ ସତ୍ୟବାନ ମହାଜନ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାନୁଯାୟୀ, ବୁଧବାର ମଧ୍ୟାହ୍ନ ଭୋଜନ ପରେ ପୁଷ୍ପିତଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ସେ ତାଙ୍କ ସ୍ତ୍ରୀଙ୍କୁ କହି କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ଯାଇଥିଲେ। କିନ୍ତୁ ସେଠାରେ ଡାକ୍ତରମାନେ ଆପାତକାଳୀନ ଚିକିତ୍ସା ଦେବା ବଦଳରେ ବିଭିନ୍ନ ପରୀକ୍ଷା ପାଇଁ ପରାମର୍ଶ ଦେଇଥିବା ଅଭିଯୋଗ ହୋଇଛି। ଏହି ସମୟରେ ତାଙ୍କ ସ୍ୱାସ୍ଥ୍ୟରେ ଅଧିକ ଅବନତି ହେବା ସହ ଚାଲିଯିବା ବେଳେ ସେ ତଳେ ପଡ଼ିଯାଇଥିଲେ। ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ସଦସ୍ୟମାନେ ଡାକ୍ତରଙ୍କ ଅବହେଳା ଯୋଗୁ ମୃତ୍ୟୁ ହୋଇଥିବା ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ଜାଣି ଜିଲାପାଳ ମହାଜନ ଏହାର ବିଧିବଦ୍ଧ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ସତ୍ୟାସତ୍ୟ ବାହାର କରି ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

# କୋରାପୁଟରେ ୨ ଘଣ୍ଟା ଯାନ ଚଳାଚଳ ବନ୍ଦ


ରାସ୍ତାରେ ଗାଡ଼ି ଅଟକି ରହିଛି।

କୋରାପୁଟ,୨୩।୪(ଅମିତାଭ ବେହେରା)

## ଭାରତମୁକ୍ତି ମୋର୍ଚ୍ଚାର ଭାରତ ବନ୍ଦ ଆହ୍ୱାନ

ଭାରତ ମୁକ୍ତି ମୋର୍ଚ୍ଚା ଓ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚାଙ୍କ ଆହ୍ୱାନରେ ଦେଶବ୍ୟାପୀ ଭାରତ ବନ୍ଦ ପାଳନର ଆଂଶିକ ପ୍ରଭାବ କୋରାପୁଟରେ ଦେଖିବାକୁ ମିଳିଛି। ଦୁଇଚକିଆ ଯାନ ଓ ଆମ୍ବୁଲାନ୍ସକୁ ଛାଡ଼ି ଅନ୍ୟ ଯାନବାହାନ ଚଳାଚଳ ପ୍ରାୟ ୨ ଘଣ୍ଟା ଧରି ବନ୍ଦ ରହିଥିଲା। ଜାତିଭିତ୍ତିକ ଜନଗଣନା, ଓବିସିଙ୍କ ପାଇଁ ନ୍ୟାୟ ସଙ୍ଗତ ଅଧିକାର ଓ ଭାଜପାଙ୍କ ଦ୍ୱାରା ହେଉଥିବା କଥିତ ପ୍ରତାରଣା ବିରୋଧରେ ଏହି ବନ୍ଦ ଡାକରା ଦିଆଯାଇଥିଲା। ଏସ୍ସି, ଏସ୍ଟି ଏବଂ ଓବିସିଙ୍କ ସମର୍ଥନରେ ମଜବୁତ ୟୁଜିସି ବିଲ୍ କାର୍ଯ୍ୟକାରୀ କରିବା ସହ ୨୦୧୧ ପୂର୍ବରୁ ନିଯୁକ୍ତ ଶିକ୍ଷକମାନଙ୍କୁ ଟିଇଟି ପରୀକ୍ଷାରୁ ମୁକ୍ତି ଦେବା ଦାବି ଉଠାଯାଇଛି। ସହରର ଟ୍ରାଫିକ ଛକରେ ବହୁ ଗାଡ଼ି ଅଟକି ରହିଥିବାରୁ ଯାତାୟାତରେ ବାଧା ଉପୁଜିଥିଲା। ଉଭୟ ପାର୍ଶ୍ୱରେ ଗାଡି ଅଟକିଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

# ବନ୍ଧ ଖୋଲିବାକୁ ନେଇ ଉତ୍ତେଜନା: ଥାନାରେ ଏତଲା



ନନ୍ଦପୁର,୨୩।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ମାଲିବେଲଗାଁ ପଞ୍ଚାୟତରେ ଚାଷ ଜମିରେ ଏକ ବନ୍ଧ ଖୋଲାକୁ ନେଇ କଦମଗୁଡା ଓ ଖତପୁଟ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ଗୋଟିଏ ପକ୍ଷ ନନ୍ଦପୁର ଥାନା ଓ ତହସିଲର ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟ ପକ୍ଷ ପଞ୍ଚାୟତର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ମୁତାବକ ଖତପୁଟ ଗାଁ ପାର୍ଶ୍ୱରେ କଦମଗୁଡ଼ା ଗ୍ରାମବାସୀଙ୍କ ଜମିରେ ଥିବା ଏକ ଚୁଆକୁ ଖତପୁଟ ଗ୍ରାମବାସୀ ବ୍ୟବହାର କରୁଥିଲେ। କିନ୍ତୁ ୧୫/୨୦ ବର୍ଷ ତଳେ ଜମି ମାଲିକ ଉକ୍ତ ଚୁଆକୁ ବନ୍ଦ କରି ଜମି ପ୍ରଶସ୍ତୀକରଣ କରିଥିଲେ। ଏହି ସ୍ଥାନକୁ ଅନାବାଦୀ ଜମି କହି ଖତପୁଟ ଗ୍ରାମର କେତେଜଣ ଲୋକ ଏକତ୍ର ହୋଇ ଜବରଦସ୍ତ ବନ୍ଧ ପୁନରୁଦ୍ଧାର କାର୍ଯ୍ୟ କରୁଥିଲେ। ଏହାକୁ ପୈତୃକ ସମ୍ପତ୍ତି କହି ବନ୍ଧ ଖୋଲାକୁ ବାରଣ କରିବାକୁ ଯାଇଥିବା କଦମଗୁଡ଼ାର ଦୈତାରୀ ସୀସା ଓ ତାଙ୍କ ମା’ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଏ ନେଇ ନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ଜମି ଚିହ୍ନଟ କରି ଦେଖାଇବାକୁ ତହସିଲଦାରଙ୍କୁ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉକ୍ତ ଜମି ତାଙ୍କ ପଣିଜେଜେ ଶ୍ରବଣା ସୀସାଙ୍କ ନାମରେ ଖାତା ନଂ ୮୯ ପ୍ଲଟ ନଂ ୩୪୭ରେ ଥିବା ୨ ଏକର ୫୦ ସେଣ୍ଟ ଜମିର ଅଂଶବିଶେଷ ବୋଲି ଉଲ୍ଲେଖ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି। ଖତପୁଟ ଗ୍ରାମବାସୀ ମାଲିବେଲଗାଁ ପଞ୍ଚାୟତ ସରପଞ୍ଚ ପ୍ରହ୍ଲାଦ ମୁଦୁଲିଙ୍କୁ ଏହି ସ୍ଥାନ ଅନାବାଦୀ ଜମି। ପୂର୍ବରୁ ଏଠାରେ ଗ୍ରାମବାସୀଙ୍କ ବ୍ୟବହାର ପାଇଁ ଏକ ଚୁଆ ଥିଲା ବୋଲି ଉଲ୍ଲେଖ କରି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସରପଞ୍ଚ ପ୍ରହ୍ଲାଦ ନନ୍ଦପୁର ତହସିଲ, ଥାନା କର୍ତ୍ତୃପକ୍ଷ ଓ ୨ ଗ୍ରାମବାସୀଙ୍କ ଉପସ୍ଥିତିରେ ଜମି ଚିହ୍ନଟ ସହ ଆଲୋଚନା କରି ସମାଧାନ କରାଯିବ ବୋଲି କହିଛନ୍ତି।

# ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସେମିଳିଗୁଡ଼ାର ୧୬ କରାଟେକା

ସୁନାବେଡା/ସେମିଳିଗୁଡ଼ା,୨୩।୪
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ କ୍ୟାଡେଟ ଜୁନିୟର ଓ ରାଜ୍ୟସ୍ତରୀୟ ସବ-ଜୁନିୟର କରାଟେ ଚାମ୍ପିଅନଶିପ୍ ହେବ। ଏଥିରେ ସେମିଳିଗୁଡ଼ା ଉତ୍କଳ କରାଟେ ସ୍କୁଲର ୧୬ କରାଟେକା କୋରାପୁଟ ଜିଲାରୁ ପ୍ରତିନିଧିତ୍ୱ କରିବେ। ଚଳିତମାସ ୨୪ରୁ ୨୬ ଯାଏ ପ୍ରତିଯୋଗିତା ହେବ। ପ୍ରତିଯୋଗିତା ମାଧ୍ୟମରେ ଉତ୍ତରାଖଣ୍ଡର ଡେରାଡୁନରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ କରାଟେ ଚାମ୍ପିଅନଶିପ ପାଇଁ ଚୟନ ପରୀକ୍ଷାରେ କୃତୀ ପ୍ରତିଯୋଗୀ ଅଂଶ ଗ୍ରହଣ କରିବେ। ପ୍ରତିଯୋଗିତାରେ ସ୍କୁଲର ଅଂଶୁମାନ ରାଉତ, ରୁଦ୍ରାଂଶ କୁମାର ସାମଲ, ଆକାଂକ୍ଷା ମହାନ୍ତି, ଏଞ୍ଜେଲ ଅଭିଷିକ୍ତା ମିନିଆକା, ସିବରପ୍ରୀତ ଚନ୍ଦନ ସ୍ୱାଇଁ, କେ.ଭେଙ୍କଟ ସାତ୍ୱିକଲ ଓ ଅନ୍ୟମାନେ ଅଂଶଗ୍ରହଣ କରିବେ। ମୁଖ୍ୟ କୋଚ ରାଜେନ୍ଦ୍ର ସାମଲ ଓ ସହକାରୀ କୋଚ ଦିବେସ ବରାଡ଼ ଯାତ୍ରା କରିଛନ୍ତି।



ଉତ୍କଳ କରାଟେ ସ୍କୁଲର କରାଟେକାମାନେ।

# ୫ ବର୍ଷ ହେବ ପଡ଼ିରହିଛି ଶବଦାହ ଇଲେକ୍ଟ୍ରି ଚୁଲା

କୋଟପାଡ଼,୨୩।୪(କେ.ରାଜଶେଖର ରାଓ)



## ସ୍ଥାପନ ପରଠାରୁ ହୋଇନି ବ୍ୟବହାର

କୋରାପୁଟ ଜିଲା କୋଟପାଡ଼ ହାତପଦା ନିକଟ ଚକ୍ରକୋଟ ଶିବ ମନ୍ଦିର ପଛପଟ ଶ୍ମଶାନରେ ୫ ବର୍ଷ ହେବ ଶବଦାହ ପାଇଁ ୨ ଇଲେକ୍ଟ୍ରି ଚୁଲା ପରିଷଦ ପକ୍ଷରୁ ଲଗାଯାଇଥିଲା। କିନ୍ତୁ ଏହା ଏଯାଏ ବ୍ୟବହାର ହୋଇପାରି ନ ଥିବା ବେଳେ ଖତଖାଉଥିବା ଦେଖିବାକୁ ମିଳିଛି। ଏହା ୨ ସମାଜର ବ୍ୟବହାର ତ ଅନ୍ୟ କେହି ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ହୋଇଥିବା କହିଛନ୍ତି।

ସ୍ଥାନୀୟ ବିଧାୟିକା ତଥା ହସ୍ତତନ୍ତ୍ର ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ସମୟରେ ଦେଢ଼ରୁ ୨ କୋଟି ଟଙ୍କା ପରିଷଦ ପକ୍ଷରୁ ଖର୍ଚ୍ଚ କରାଯାଇଥିବା ସୂଚନା ମିଳିଛି। କିନ୍ତୁ ଏହାକୁ କେଉଁ ଠିକାଦାର ଓ କମ୍ପାନୀ ଲଗାଇଛନ୍ତି ଏହାର କୌଣସି ସୂଚନା ଫଳକ ନାହିଁ। ବହୁ ଦିନରୁ ଏହା କାର୍ଯ୍ୟକ୍ଷମ ହୋଇ ନ ଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶବଦାହ ପାଇଁ କାଠର ଅଭାବ ଲାଗି ରହୁଛି। ଏଥିଯୋଗୁ ଲୋକେ ମୃତଦେହ ସତ୍କାର କରିବା ପାଇଁ ନିକଟ ସରକାରୀ ରିଜର୍ଭ ଫରେଷ୍ଟ ଜଙ୍ଗଲରୁ ଓ କୌଣସି ଗ୍ରାମ୍ୟ ଜଙ୍ଗଲରୁ କାଠ ସଂଗ୍ରହ କରିବାକୁ ପଡୁଛି। ଲୋକଙ୍କ ସୁବିଧା ପାଇଁ ପରିଷଦ ଜରିଆରେ ଟଙ୍କା ଖର୍ଚ୍ଚ କରିଥିଲେ ସୁଦ୍ଧା ପରିଷଦ ଚୁପ ରହିବା ନେଇ ପ୍ରଶ୍ନ ଉଠିଛି। କୋଭିଡ୍ ସମୟରେ ତିଆରି ହୋଇଥିବା ବରିଷ୍ଠ ନାଗରିକ ଅଶୋକ ପଟ୍ଟନାୟକ କହିଛନ୍ତି। ଏ ସମ୍ପର୍କରେ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କମଲେସ ମହନ୍ତଙ୍କୁ ଯୋଗାଯୋଗ କରିବାରୁ ଏହା ଆମ ନଜରେ ରହିଛି। ଉଭୟ ସମାଜର ବ୍ୟକ୍ତି ବିଶେଷଙ୍କ ସହ ଆଲୋଚନା ପରେ ଖୁବଶୀଘ୍ର ଶବଦାହ ଇଲେକ୍ଟ୍ରି ଚୁଲା କାର୍ଯ୍ୟକ୍ଷମ କରାଯିବ ବୋଲି ସେ କହିଛନ୍ତି।

